
# ଉଲ୍ଲାସ

ଭାଗ ୩



# ସୂଚୀ ପତ୍ର

## ଭାଗ – ୩


## ୮. ବିଭିନ୍ନ ପ୍ରକାର ବିପତ୍ତି ୨୦୨-୨୧୩

- ଉପୁଡ଼ି ପଡ଼ିଲା ବଡ଼ ବଡ଼ ଗଛ
- ତରଳ ପଦାର୍ଥର ମାପ
- ଗୁଣନ ଓ ହରଣ ଦ୍ୱାରା ଦୈନିକ ଜୀବନର ସମସ୍ୟାର ସମାଧାନ କରିବା

## ୯. ସମୟ ସମୟର କଥା ୨୧୪-୨୩୩

- ହୁଁ ଟି ଓ ହୁଁ
- ଠିକ ସମୟରେ
- ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟାର ଗୁଣନ
- ସମୟର ମାପ (ଘଣ୍ଟା, ମିନିଟ, ସେକେଣ୍ଡ)

## ୧୦. ଆମରି ରହଣି ଓ ଚଳଣି ୨୩୪-୨୫୨

- ଯାତ୍ରା
- ଗାନ୍ଧୀଜୀଙ୍କ ଆତ୍ମ କଥାରୁ
- ଯାତ୍ରା
- ସମୟ ମାପର ବ୍ୟବହାର କରିବା (୧୨ ଓ ୨୪ ଘଣ୍ଟିଆ ଘଣ୍ଟା)
- କ୍ୟାଲେଣ୍ଡର, ସମୟ ସାରଣୀ ଓ ରେଳ ଟିକେଟ ରେ ଦିଆଯାଇଥିବା ସୂଚନା ଗୁଡ଼ିକୁ ଜାଣିବା

# ମୋ ବହି

ମୋ'ର ନାମ ______________________________

______________________________


ମୋ ଠିକଣା ______________________________

ମୋ ମୋବାଇଲ
ନମ୍ବର ______________________________

## ଆସ ଆମେ କଥା ହେବା

ବିପତ୍ତି କହିଲେ ସଙ୍କଟକୁ ବୁଝାଏ, ମାନେ ଏଭଳି କୌଣସି ବିପଦ ଯାହା ହଠାତ ଆସିଯାଏ। ଏଠାରେ କେଉଁ ସବୁ ବିପତ୍ତିର ଚିତ୍ର ଅଛି? ତୁମେ ବି କ'ଣ କେବେ ଏଭଳି ବିପଦରେ ପଡ଼ିଛ?





# ୪ ବିଭିନ୍ନ ପ୍ରକାର ବିପତ୍ତି

**ଆମେ କଣ ଶିଖିବା**

- ତରଳ ପଦାର୍ଥକୁ କେମିତି ମାପିବା (ମିଲିଲିଟର, ଲିଟର)
- ଦୈନନ୍ଦିନ ଜୀବନ ସହିତ ଜଡ଼ିତ ଗୁଣନ-ହରଣ ସମସ୍ୟାର ସମାଧାନ

## ▪ ଦେଖ ଓ ପଢ



ଅଗ୍ନିକାଣ୍ଡ



ବନ୍ୟା



ଭୂମିକମ୍ପ



ରେଳ ଦୁର୍ଘଟଣା




ଆମ୍ବୁଲାନ୍ସ



ଦମକଳ



ଦଳାଚକଟା



ରିଲିଫ କ୍ୟାମ୍ପ

ଶିକ୍ଷକଙ୍କୁ ପରାମର୍ଶ- ଚିତ୍ର ତଳେ ଲେଖାଥିବା ଶବ୍ଦଗୁଡ଼ିକରେ ଆଙ୍ଗୁଠି ରଖି ପଢିବାକୁ କହନ୍ତୁ। ଅନ୍ୟ ସହଶିକ୍ଷାର୍ଥୀମାନେ ବି ଶବ୍ଦଗୁଡ଼ିକୁ ପଢନ୍ତୁ। ବିଭିନ୍ନ ପ୍ରକାର ବିପତ୍ତି ବିଷୟରେ ସେମାନଙ୍କୁ ପରସ୍ପର କଥା ହେବାକୁ କହନ୍ତୁ। ସେମାନଙ୍କ ଅନୁଭୂତି ସବୁ ପଚାରି ବୁଝନ୍ତୁ।

## ଆସ ସମସ୍ତେ ମିଶି ପଢିବା

# ଉପୁଡ଼ିପଡ଼ିଲା ବଡ଼ ବଡ଼ ଗଛ

ମୋ ନାଆଁ ସାରିଆ, ଓଡ଼ିଶାର ପୁରୀ ଜିଲ୍ଲା ଅସ୍ତରଙ୍ଗରେ ମୋ' ଘର। ଓଡ଼ିଶା ଲୋକେ ତ ପ୍ରତି ବର୍ଷ ବନ୍ୟା ଓ ବାତ୍ୟାର ସମ୍ମୁଖୀନ ହୋଇଥାନ୍ତି, ତେବେ 2019 ମସିହାରେ ଆମେ ଭୋଗିଥିବା ଫନି ବାତ୍ୟା କଥା ମନେ ପଡ଼ିଲେ ଏବେବି ଭୟରେ ମୋ ଦେହ ଶୀତେଇଯାଏ।



ବାତ୍ୟା ଆସିବାକୁ ଥିବାରୁ ସେ ବର୍ଷ ଏପ୍ରିଲ ମାସରେ ବିଭିନ୍ନ ଗଣମାଧ୍ୟମରେ 26 ତାରିଖରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ବାରମ୍ବାର କୁହାଯାଉଥାଏ। ଲୋକେ ପାଖ ସ୍କୁଲ କଲେଜ କୋଠାକୁ ଯାଇ ଆଶ୍ରୟ ନେଲେ। ମେ ମାସ 3 ତାରିଖ ଦିନ ବଡ଼ି



ଭୋରରୁ ପ୍ରବଳ ତୋଫାନ ସମୁଦ୍ରରୁ ମାଡ଼ି ଆସି ପୁରୀ ଉପକୂଳରେ ମାଡ଼ ହେଲା। ଘଣ୍ଟାକୁ 200 କିଲୋମିଟର ବେଗରେ ସୁ-ସୁ ଗର୍ଜନ କରି ବହୁଥିବା ପବନରେ ବିରାଟକାୟ ଗଛ, ବିଜୁଳି ଖୁଣ୍ଟ, ଟେଲିଫୋନ ଟାୱାରମାନ ଉପୁଡ଼ି ପଡ଼ିଲା।

ଏଭଳି ପରିସ୍ଥିତିରେ ଭଲା ଗରିବ-ଗୁରୁବାଙ୍କ ଝୁମ୍ପୁଡ଼ି ଘର ବା ତିଷ୍ଠନ୍ତା କେମିତି? ଟିଣ, ଆଜବେଷ୍ଟ ଚାଦର ଓ ପାରାପେଟ ଇଟାମାନ ପବନରେ ଉଡୁଥାଏ। ପ୍ରବଳ ବର୍ଷାରେ କଚ୍ଚାଘର ସବୁ ଭୁଷୁଡ଼ି ପଡ଼ିଲା। କାଦୁଅ ପଙ୍କ ମିଶା ବଦଳ ପାଣି ଘରେ ପଶି ଲୋକଙ୍କ ଜିନିଷପତ୍ର ନଷ୍ଟ କରିଦେଲା। ବିଲବାଡ଼ିରେ ପନିପରିବା ଓ ଅନ୍ୟ ଫସଲ ପଚିସଢି ନଷ୍ଟ ହୋଇଗଲା।



ବାତ୍ୟାର ସାତ ଦିନ ପରେ ବି ରାଜଧାନୀ ଭୁବନେଶ୍ୱର ଓ ପୁରୀ ସହରର ଅନେକ ଅଞ୍ଚଳ ଅନ୍ଧାରରେ ବୁଡ଼ି ରହିଥାଏ। ସରକାର ଓ ଅନେକ ସ୍ୱୟଂସେବୀ ସଂସ୍ଥା ରିଲିଫ ସାମଗ୍ରୀ ବାଣ୍ଟୁଥିଲେ ବି ଲୋକେ ଜାଳେଣୀ ଅଭାବରେ ରୋଷେଇ କରିପାରୁନଥାନ୍ତି। ଖାଦ୍ୟ ତ କ'ଣ, ପିଇବାକୁ ପାଣି ବୁନ୍ଦାଏ ବି ମିଳୁନଥାଏ ।

ପରେ ଟିଭି ଖବରରୁ ଜାଣିଲୁ ଯେ ଫନି ବାତ୍ୟାରେ 14ଟି ଜିଲ୍ଲାର 159 ବ୍ଲକରେ ମୋଟ ଦେଢ କୋଟି ଲୋକ ପ୍ରଭାବିତ ହେବା ସାଙ୍ଗକୁ ଅନେକ ଲୋକ ପ୍ରାଣ ହରାଇଥିଲେ।

ଫନି ଉପକୂଳବର୍ତ୍ତୀ ଓଡ଼ିଶାରେ ଲୋକଙ୍କର ଅପୂରଣୀୟ କ୍ଷତି କଲା ସିନା, ଲୋକେ ସେହି ବିପତ୍ତିରୁ ଶିକ୍ଷା ନେଇ ଭବିଷ୍ୟତରେ ବାତ୍ୟା ମୁକାବିଲା ପାଇଁ ନିଜ ଘର-ଦ୍ୱାର ମଜବୁତ କଲେ। କିନ୍ତୁ ଯେତେ ଯାହା କଲେବି କୋଠାଘର ହିଁ ବାତ୍ୟାର ଏକମାତ୍ର ସମାଧାନ।



ଓଡ଼ିଶାରେ ବାତ୍ୟା ବନ୍ୟା ସବୁବର୍ଷ ଆସେ। ତେଣୁ ଉପଦ୍ରୁତ ଅଞ୍ଚଳମାନଙ୍କରେ ବିପତ୍ତି ସମୟରେ ଲୋକେ ଆଶ୍ରୟ ନେବା ପାଇଁ ସରକାର ଅନେକ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ତିଆରି କରିଛନ୍ତି। ତେଣୁ 1999 ମହାବାତ୍ୟାରେ 3000 ଲୋକଙ୍କର ପ୍ରାଣହାନୀ ହୋଇଥିଲା ବେଳେ 2019 ଫନିରେ ମୃତ୍ୟୁସଂଖ୍ୟା ଦୁଇ ଅଙ୍କ ଭିତରେ ରହିଥିଲା।




ଶିକ୍ଷକ-ନିର୍ଦ୍ଦେଶ : ଏହି ପାଠଟି ପଢାଇବା ବେଳେ ସହଶିକ୍ଷାର୍ଥୀମାନଙ୍କୁ ଓଡ଼ିଶାରେ ଆସିଥିବା ଫନି ବାତ୍ୟା ବିଷୟରେ କହିବା ଠିକ ହେବ। ବାତ୍ୟାର ପ୍ରଭାବ ସମ୍ପର୍କରେ କଥାବାର୍ତ୍ତା ହୁଅନ୍ତୁ। ସାଥିମାନଙ୍କୁ ପଚାରନ୍ତୁ, ସେମାନେ କେବେ ବାତ୍ୟାର ସମ୍ମୁଖୀନ ହୋଇଛନ୍ତି କି? ସେତେବେଳେ ସେମାନଙ୍କୁ କି କି ସମସ୍ୟା ଭୋଗିବାକୁ ପଡ଼ିଲା?

- ## ଚିନ୍ତାକରି କୁହ

ପ୍ରଶ୍ନ-1. ବିପତ୍ତି ବେଳେ ଘର ନଷ୍ଟ ହୋଇଯାଇଥିବା ଲୋକମାନଙ୍କୁ କି-କି ସାହାଯ୍ୟ ଦରକାର ହୋଇଥିବ?

ପ୍ରଶ୍ନ-2. ତୁମ ଗାଁରେ ବାତ୍ୟା ଆସିଲେ ତୁମ ଘରକୁ ବି କ'ଣ ବିପଦ ପଡ଼ିବ? ଯଦି ହଁ, ତା'ହେଲେ ସେତେବେଳେ ତୁମେ କେଉଁଠି ରହିବ?

ପ୍ରଶ୍ନ-3. ତୁମେ କେବେ ମରୁଡ଼ି, ଭୂମିକମ୍ପ ବା ବନ୍ୟା ଭଳି କୌଣସି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ନିଜ ଅନୁଭୂତି ବିଷୟରେ ଆଲୋଚନା କର।

ପ୍ରଶ୍ନ-4. ବାତ୍ୟା ବେଳେ ପାଳିତ ପଶୁମାନଙ୍କ ସୁରକ୍ଷା ପାଇଁ ତୁମେ କ'ଣ କରିବ?

ପ୍ରଶ୍ନ-5. ଏଗୁଡ଼ିକରୁ କିଛି ବିପତ୍ତି ପାଇଁ ମଣିଷ ନିଜେ ଦାୟୀ ବୋଲି ତୁମେ ଭାବୁଛ କି? ତହିଁରୁ ଗୋଟିକ ବିଷୟରେ ତୁମ ସାଥୀମାନଙ୍କ ସହିତ ଆଲୋଚନା କର। ଆଲୋଚନାର ମୁଖ୍ୟ କଥାଗୁଡ଼ିକୁ ଲେଖ।



## ବାତ୍ୟା ଆସିଲେ ତୁମେ କି କି ସତର୍କତା ଅବଲମ୍ବନ କରିବ ?

### 1. ବାତ୍ୟା ଆସିବା ପୂର୍ବରୁ :

- ଟିଣ ଓ ଆଜବେଷ୍ଟ ଉପରେ ମୋଟା ପାରାପେଟ ଦିଅ; ଓଜନିଆ ପଥର, ଇଟା ବା ବାଲିବସ୍ତା ଲଦିଦିଅ ।
- ଢିଲା ଟିଣ, ଆଜବେଷ୍ଟ, ସାଇନବୋର୍ଡ ଇତ୍ୟାଦିକୁ ହୁକ ଲଗାଇ ମଜବୁତ କର ।
- କବାଟ ଝରକାରେ ଫାଙ୍କ ନରହିବା ପରି ମରାମତି କର ।
- ଘର ପାଖରେ ଥିବା ବଡ଼ ଝଙ୍କାଳିଆ ଗଛର ଡାଳ କାଟିଦେଲେ ପବନ ତାକୁ ବେଶି ଧରିବନି ।
- ଘରେ ଲଣ୍ଠନ, ମହମବତୀ, ଦିଆସିଲି, ବ୍ୟାଟେରୀବାଲା ଟର୍ଚ୍ଚ ଓ ବଳକା ବ୍ୟାଟେରୀ, ଶୁଖିଲା କାଠ ବା ଗ୍ୟାସ, ଖାଦ୍ୟସାମଗ୍ରୀ, ବିସ୍କୁଟ, ଚୁଡ଼ା-ଚିନି, ପିଇବା ପାଣି ପ୍ରଚୁର ପରିମାଣରେ ମହଜୁଦ ରଖ ।
- ବାତ୍ୟାର 4-5 ଦିନ ପୂର୍ବରୁ ସମୁଦ୍ର ଉପକୂଳର ତଳିଆ ଅଞ୍ଚଳ ପରିତ୍ୟାଗ କର, ସମୁଦ୍ର ଭିତରକୁ ଯାଅନା ।
- କୋଠାଘର ଉଚ୍ଚ ସ୍ଥାନରେ ଥିଲେ ଘରର ସୁରକ୍ଷିତ ଭାଗରେ ରହିବ, କିନ୍ତୁ ଘର ଛାଡ଼ିବାକୁ କୁହାଗଲେ ଅଧିକ ସୁରକ୍ଷିତ ସ୍ଥାନକୁ ଚାଲିଯିବ ।
- ବାତ୍ୟା ପରେ ବନ୍ୟା ଆସେ, ତେଣୁ ଦାମୀ ଜିନିଷ ସବୁ ଉପର ମହଲାକୁ ନେଇଯାଅ ।
- ବାତ୍ୟା ସତର୍କତା ଜାରି ହେବା ମାତ୍ରେ ସୁରକ୍ଷିତ ସ୍ଥାନକୁ ଚାଲିଯାଅ ।

## ବାତ୍ୟା ବେଳେ :

- ବାତ୍ୟା ଆରମ୍ଭ ହେବା ମାତ୍ରେ ସବୁ ଝରକା କବାଟ ଓ ସ୍କାଇଲାଇଟ ବନ୍ଦ କରିଦିଅ ।
- ଆଖପାଖ ଲୋକଙ୍କ ସହିତ ସମ୍ପର୍କରେ ରହିବାକୁ ଚେଷ୍ଟା କର ।
- ଗୁଜବ ପ୍ରତି ଧ୍ୟାନ ଦିଅନାହିଁ ।
- ଘରେ ରେଡ଼ିଓ ଓ ପର୍ଯ୍ୟାପ୍ତ ବ୍ୟାଟେରୀ ରଖି ନିୟମିତ ଭାବରେ ଖବର ଶୁଣ ।
- ନିହାତି ଦରକାର ହେଲେ ପବନର ବିପରୀତ ଦିଗରେ ଥିବା କବାଟ-ଝରକା ଖୋଲିପାରିବ ।
- ବିଜୁଳିବତୀ ଓ ମେନସୁଇଚ ବନ୍ଦ ରଖ। ।

## ବାତ୍ୟା ପରେ :

- ତୋଫାନ ବନ୍ଦ ହେବା ମାତ୍ରେ ସରକାରୀ ଘୋଷଣା ପୂର୍ବରୁ ବାହାରକୁ ଯାଅନାହିଁ ।
- ବାତ୍ୟା ପରେ ଆଖପାଖର ଆବର୍ଜନାକୁ ଯଥାଶୀଘ୍ର ପରିଷ୍କାର କର ।
- ନିଜର କ୍ଷୟକ୍ଷତି ଠିକ ଭାବରେ ଅଧିକାରୀମାନଙ୍କୁ ଜଣାଅ ।

## ବିପତ୍ତି ସମ୍ପର୍କରେ ସୂଚନା

ବିପତ୍ତି ବେଳେ ତୁମକୁ ସାହାଯ୍ୟ ଦରକାର ହୋଇପାରେ। ତେଣୁ ନିଜ ଅଞ୍ଚଳର ଥାନା, ଦମକଳ କେନ୍ଦ୍ର ଓ ପାଖ ଡାକ୍ତରଖାନାର ଠିକଣା ଏବଂ ଫୋନ ନମ୍ବର ଲେଖିରଖ।

| ସଂସ୍ଥାର ନାଁ | ଠିକଣା | ଫୋନ ନମ୍ବର |
|---|---|---|
| ଦମକଳ କେନ୍ଦ୍ର | | |
| ନିକଟସ୍ଥ ଡାକ୍ତରଖାନା | | |
| ଆମ୍ବୁଲାନ୍ସ | | |
| ପୁଲିସ ଥାନା | | |

## ମୋ ଶବ୍ଦ

**ଶିକ୍ଷକ-ନିର୍ଦ୍ଦେଶ : ବିଭିନ୍ନ ପ୍ରକାର ବିପତ୍ତି** ବିଷୟରେ ଆଲୋଚନା କର। ସହଶିକ୍ଷାର୍ଥୀମାନଙ୍କୁ ପଚାରି ଏହି ବିଷୟ ସହିତ ଜଡ଼ିତ 3-4 ଟି ଶବ୍ଦ ଲେଖ। ସେଗୁଡ଼ିକ ସେମାନଙ୍କ ନିଜ ଭାଷାର ଶବ୍ଦ ବି ହୋଇଇପାରେ; ଯେମିତି କି- ବନ୍ୟାକୁ ଓଡ଼ିଆରେ ନଇବଢ଼ି ବି କହନ୍ତି। ସେମାନେ ଭୋଗିଥିବା ବିଭିନ୍ନ ବିପତ୍ତି ସମ୍ପର୍କରେ କଥାବାର୍ତ୍ତା ହୁଅ। ସେମାନଙ୍କ ଅନୁଭବ ସମ୍ପର୍କରେ ଚିତ୍ର ଅଙ୍କନ କର।

## ରିଲିଫ ଓ ଉଦ୍ଧାର କାର୍ଯ୍ୟ

- ରିଲିଫ କ୍ୟାମ୍ପର ଗୋଟିଏ ବଖରାରେ ଯଦି 6 ଜଣ ଲୋକ ରହନ୍ତି, ତେବେ 30 ଜଣଙ୍କ ପାଇଁ କେତେ ବଖରା ଘର ଦରକାର?
- ଗୋଟିଏ ଆମ୍ବୁଲାନ୍ସରେ ଯଦି 5 ଜଣ ଯାଇପାରିବେ; ବାତ୍ୟାରେ ଆହତ ହୋଇଥିବା 50 ଜଣ ଆହତଙ୍କ ପାଇଁ କେତୋଟି ଆମ୍ବୁଲାନ୍ସ ଦରକାର?
- ତୁମ ପାଖରେ 20 କିଲୋ ଚୁଡ଼ା ଅଛି। ଗୋଟିଏ ପରିବାରକୁ କିଲେ ଲେଖାଏଁ ଚୁଡ଼ା ସାହାଯ୍ୟ ଦେଲେ କେତୋଟି ପରିବାର ଉପକୃତ ହୋଇପାରିବେ?





### ତରଳ ପଦାର୍ଥର ମାପ

ବିପତ୍ତି ବେଳେ ଲୋକଙ୍କୁ ଖାଦ୍ୟ, ପାଣି ବୋତଲ ଓ କ୍ଷୀର ପ୍ୟାକେଟ ମଧ୍ୟ ବଣ୍ଟାଯାଏ। ବିଭିନ୍ନ ଆକାର ପ୍ରକାରର ପାଣି ବୋତଲ ମିଳେ; କିଛି ଛୋଟ ଆଉ କିଛି ବଡ଼। ବୋତଲରେ କେତେ ପାଣି ଅଛି, ତା' ଉପରେ ତା'ର ମାପ ଲେଖା ଥାଏ।


- 1 ଲିଟର ବୋତଲକୁ ଭର୍ତ୍ତି କରିବାକୁ ହେଲେ 500 ମିଲିଲିଟରର କେତୋଟି ବୋତଲ ଦରକାର?
- 2 ଲିଟର ବାଲା ଗୋଟିଏ ବୋତଲକୁ ଭର୍ତ୍ତି କରିବାକୁ 250 ମିଲିଲିଟରର କେତୋଟି ବୋତଲ ଦରକାର?

ଶିକ୍ଷକ-ନିର୍ଦ୍ଦେଶ : ସହ-ଶିକ୍ଷାର୍ଥୀଙ୍କୁ ବିଭିନ୍ନ ପରିମାପ ବିଶିଷ୍ଟ ବାସନ ବା ବୋତଲ ମଧ୍ୟରେ ଥିବା ମାପର ପରିମାଣ ଦୃଷ୍ଟିରୁ ପରସ୍ପର ସମ୍ପର୍କ ଉପରେ ବିଚାର କରିବା ପାଇଁ ପ୍ରେରିତ କରନ୍ତୁ। ସେମାନେ ବିଭିନ୍ନ ମାପ ବିଶିଷ୍ଟ ବାସନ କେଉଁଠି ଦେଖିଛନ୍ତି ସେ ବିଷୟରେ ଚର୍ଚ୍ଚା କରନ୍ତୁ। ମିଲିଲିଟର (ମି.ଲି.) ଓ ଲିଟର ତରଳ ପଦାର୍ଥ ମାପର ଏକକ। କୌଣସି ଏକ ବାସନର ମାପ କହିଲେ ବୁଝିବାକୁ ହେବ ଯେ ସେଥିରେ କେତେ ମାତ୍ରାରେ ତରଳ ପଦାର୍ଥ ଧରିବ। ଛୋଟ ବାସନର ମାପ ମିଲିଲିଟରରେ ଆଉ ବଡ଼ ବାସନର ମାପ ଲିଟରରେ କରାଯାଏ। ଏକ ଲିଟର 1000 ମିଲିଲିଟର ସହିତ ସମାନ।

- ରିଲିଫ ଶିବିରରେ ଥିବା ଜଣେ ବେମାର ଲୋକକୁ ଡାକ୍ତର 180 ମି. ଲି. ଔଷଧ ଥିବା ବୋତଲ ଦେଇ ଦିନକୁ 20 ମି. ଲି. ଔଷଧ ଖାଇବାକୁ ପରାମର୍ଶ ଦେଲେ। ତାହେଲେ ରୋଗୀକୁ କେତେ ଦିନର ଔଷଧ ଦିଆଗଲା?





- ବନ୍ୟା ସମୟରେ ରୋଗ ବ୍ୟାପିବା ରୋକିବା ପାଇଁ ଗୋଟିଏ ଗାଁକୁ ଟୀକାକରଣ ଦଳ ପଠାଗଲା। ସେମାନେ 100 ମି. ଲି. ବାଲା ଶିଶି ନେଇଛନ୍ତି। ଜଣେ ଲୋକକୁ 5 ମି. ଲି. ଔଷଧର ଟୀକା ଦିଆଗଲେ 1 ଲିଟର ଔଷଧରେ କେତେ ଜଣଙ୍କୁ ଟୀକା ଦିଆଯାଇପାରିବ?



## କଥାବାର୍ତ୍ତା କରନ୍ତୁ

1. ସମୟ ବିଷୟରେ କିଛି କିଛି କହନ୍ତୁ, ଯେମିତି କି ସୁଖ ବା ଦୁଃଖର ସମୟ ଇତ୍ୟାଦି
2. କରୋନା ବେଳେ ତୁମେ କାହାକୁ ସାହାଯ୍ୟ କରିଥିଲ କି?
3. କରୋନା ବେଳେ ଦେଖାଦେଇଥିବା ସମସ୍ୟାଗୁଡ଼ିକରୁ କ'ଣ ଶିଖିଲ ତୁମେ?
4. ମାସ୍କ ପିନ୍ଧିବା ଜରୁରୀ କାହିଁକି, ସେ ବିଷୟରେ ଚର୍ଚ୍ଚା କରନ୍ତୁ ।





# ୨ ସମୟ

# ସମୟର କଥା

### ଆମେ କଣ ଶିଖିବା

- ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟାଗୁଡ଼ିକର ଗୁଣନ
- ସମୟର ମାପ (ଘଣ୍ଟା, ମିନିଟ, ସେକେଣ୍ଡ)
- ସମୟର ମହତ୍ତ୍ୱ
- ସମୟ ମାପର ବ୍ୟବହାର (12 ଓ 24 ଘଣ୍ଟିଆ ଘଡ଼ି)

## ▪ ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ପଢ

| | | | |
|---|---|---|---|
| ସମୟ | ଦିନ | କାଳ | ଯୁଗ |
| ଯୁଗ | ମୁହୂର୍ତ୍ତ | ସପ୍ତାହ | ବର୍ଷ |
| ମାସ | ଦିନ | ରାତି | କ୍ୟାଲେଣ୍ଡର |
| ସକାଳ | ସନ୍ଧ୍ୟା | ଦିପହର | ବେଳ |

ଶିକ୍ଷକ-ନିର୍ଦ୍ଦେଶ : ସମୟ ସହିତ ସମ୍ପର୍କ ଥିବା ଶବ୍ଦ ବିଷୟରେ କଥାବାର୍ତ୍ତା କରନ୍ତୁ । ସମୟ ସହିତ ସମ୍ପର୍କ ଥିବା କିଛି ଢଗଢମାଳି ଓ ଲୋକବାଣୀ ମନେ ପକାଇ କଥା ହୁଅନ୍ତୁ।

## ସମସ୍ତେ ମିଶି ପଢ ଓ କଥା ହୁଅ

# ହୁଁଟି ଓ ଉହୁଁ

ବହୁ ଦିନ ତଳର କଥା। ସେତେବେଳେ ହୁଁଟି ଓ ଉହୁଁ ଦି'ଜଣ ଯାକ ବେରୋଜଗାର ଥା'ନ୍ତି। ଦି' ସାଙ୍ଗ ସକାଳୁ ସଞ୍ଜ ଯାଏ ଚାକିରି ଖୋଜୁଥା'ନ୍ତି। ପରିସ୍ଥିତି ଏମିତି ହେଲା ଯେ ଖାଲି ଦି' ବକତ ଭାତ ମୁଠେ ପାଇବାକୁ ସେମାନେ ଯେ କୌଣସି କାମ କରିବାକୁ ରାଜି ହୋଇଯାଉଥିଲେ।

ଦିନେ ତାଙ୍କ ସହରକୁ ଗୋଟିଏ ସର୍କସ ଦଳ ଆସିଲା। ସର୍କସବାଲା ଖବରକାଗଜରେ ଛାପିଲେ ଯେ ସେମାନଙ୍କର କେତେ ଜଣ ଲୋକ ଦରକାର। କାମ ଖୋଜୁଥିବା ଲୋକେ ସକାଳ ଦଶଟା ବେଳେ ମାନସରୋବର ହୋଟେଲକୁ ଆସନ୍ତୁ। ସାଢେ ଦଶଟା ବାଜୁ ବାଜୁ ଉହୁଁ ସେଠାରେ ପହଞ୍ଚିଗଲା । ସର୍କସବାଲା କହିଲେ, "ଦେଖ ଭାଇ, ଆମ ମାଙ୍କଡ଼ ବେମାର ପଡ଼ିଛି।



ତେଣୁ ତା ବଦଳରେ ତୁମକୁ ମାଙ୍କଡ଼ ଖୋଳ ପିନ୍ଧି କିଛି ସମୟ ପାଇଁ ମାଙ୍କଡ଼ ହେବାକୁ ପଡ଼ିବ; ଦିନକୁ ଷାଠିଏ ଟଙ୍କା ପାଇବ।"

ଉହୁଁ ପଚାରିଲା, "ମାଙ୍କଡ଼ ହେଇ ମୋତେ କ'ଣ ଡିଆଁ-ଡେଇଁ କରିବାକୁ ପଡ଼ିବ?"

ସର୍କସ ବାଲା କହିଲେ, "ହଁ, କିନ୍ତୁ ସିଂହ ପଞ୍ଜୁରି ଭିତରେ। ହେଲେ ତୁମେ ଡରନି, ସିଂହ ତୁମକୁ କିଛିବି କରିବନି।"

ଉହୁଁକୁ ବହୁତ ଡର ଲାଗିଲା। କିନ୍ତୁ କାମ ତ ନିହାତି ଦରକାର!... ସେ ରାଜି ହୋଇଗଲା।

ତହିଁ ଆର ଦିନ ଉହୁଁ ମାଙ୍କଡ଼ ଖୋଳ ପିନ୍ଧି ଡିଆଁ ମାରି ମାରି ସେଠି ପହଞ୍ଚିଲା। ତାକୁ ଦେଖି ଦର୍ଶକ ଖୁସିରେ ତାଳି ମାରିବାକୁ ଲାଗିଲେ। କିନ୍ତୁ ସିଂହ ପଞ୍ଜୁରୀରେ ପଶିବା ବେଳ ହେବାରେ ଉହୁଁର ଗୋଡ଼ହାତ କାଲୁଆ ପଡ଼ିଗଲା। ସେ ପାଦେ ବି ଆଗକୁ ବଢିପାରିଲାନି। ତିନିଜଣ ଲୋକ ମିଶି ବଡ଼ ମୁସ୍କିଲରେ ଉହୁଁକୁ ସିଂହ-ପଞ୍ଜୁରି ଭିତରକୁ ଠେଲିଦେଲେ।

ସିଂହକୁ ଏତେ ପାଖରେ ଦେଖି ଉହୁଁର ହଲକ ଶୁଖିଗଲା। ପଞ୍ଜୁରୀର ଗୋଟିଏ କଣରେ ଲାଖିଗଲା ଉହୁଁ; ବରଡାପତ୍ର ପରି ଥରୁଥାଏ। ଭୟରେ ଉହୁଁ ମୂତିପକାଇଲା । ସିଂହ ଧୀରେ ଧୀରେ ଚାଲି ଚାଲି ତା ପାଖରେ ଆସି ପହଞ୍ଚିଗଲା। ସିଂହ ତା ମୁହଁ ଉହୁଁ ମୁହଁରେ ଲଗାଇ କହିଲା, "ଡରେନିରେ ଉହୁଁ, ମୁଁ ପରା ତୋ ସାଙ୍ଗ ହୁଁଟି! ତୁ ସାଢେ ଦଶଟାରେ ପହଞ୍ଚିଲୁ, ମୁଁ ତ ନଅଟା ପଇଁଚାଳିଶିରେ ପହଞ୍ଚିଯାଇଥିଲି। ସେତେବେଳେ ସିଂହ ପଦବୀଟା ଖାଲି ଥିଲା।"

ଲେ- ସ୍ୱୟଂପ୍ରକାଶ

ଓଡ଼ିଆ ରୂପାନ୍ତର- ଡ. ଶମ୍ଭୁ ଦୟାଲ ଅଗ୍ରୱାଲା

(ଉତ୍ସ- 'ସାଇକେଲ, ପିଲାଙ୍କ ଦିତକିଆ')

## ସମସ୍ତେ ମିଶି ପଢ ଓ କଥା ହୁଅ

ପ୍ରଶ୍ନ-1. ଆଜିକାଲି ଆଉ ଆଗଭଳି ସର୍କସର ଚଳଣି ନାହିଁ। ଏହାର କାରଣ କ'ଣ ହୋଇପାରେ?

ପ୍ରଶ୍ନ-2. ଏଭଳି ଆଉ କେଉଁ କେଉଁ ଖେଳ-ତାମସା ତୁମର ମନେ ଅଛି, ଯାହା କିଛି କାଳ ପୂର୍ବ ପର୍ଯ୍ୟନ୍ତ ଥିଲା, କିନ୍ତୁ ଏବେ ଆଉ ଚଳୁନି? ଏମିତି କାହିଁକି ହେଲା?

ପ୍ରଶ୍ନ-3. ବେରୋଜଗାରି ଯୋଗୁଁ ହୁଁଟି ଓ ଉହୁଁକୁ ସର୍କସରେ କାମ କରିବାକୁ ପଡ଼ିଲା। ଆଜିକା ସମୟରେ ବେରୋଜାଗାରିଆଙ୍କ ପାଇଁ ରୋଜଗାରର ସୁବିଧା ବଢିଛି ନା କମିଛି? କେମିତି?

ପ୍ରଶ୍ନ-4. ଆଜିକା ସମୟରେ ବି କିଛି ଲୋକ ସ୍ତ୍ରୀଲୋକମାନେ ବାହାରକୁ ଯାଇ ରୋଜଗାର କରିବା ପସନ୍ଦ କରନ୍ତିନି। ତୁମେ ଏ ବିଷୟରେ କ'ଣ ଭାବୁଛ? କାହିଁକି?

ପ୍ରଶ୍ନ-5. ଲୋକଙ୍କୁ ଅନେକ ସମୟରେ ସେମାନେ ପସନ୍ଦ କରୁନଥିବା କାମରେ ଲାଗିବାକୁ ପଡ଼େ। ଏପରି ହୁଏ କାହିଁକି? ଏହି ସମସ୍ୟାର ସମାଧାନ କ'ଣ ହୋଇପାରେ?

## ମୋତେ ଭଲ ଲାଗୁଥିବା କାମ




# ଠିକ ସମୟରେ

ଏକ ନିୟମରେ ନିଇତି ସକାଳେ
ସୂର୍ଯ୍ୟ ଉଏଁ ଆକାଶରେ,
ବଢଇ ଛିଡ଼ଇ ହସକୁରା ଜହ୍ନ
ତା' ନିୟମ ଅନୁସାରେ।

ଏକ ନିୟମରେ ଆକାଶରେ ତାରା
ଟିମି ଟିମି ଚମକନ୍ତି,
ଏକ ନିୟମରେ ନଦୀ ଆଉ ନାଳ
ସାଗରରେ ମିଶିଯା'ନ୍ତି।





ଏକ ନିୟମରେ ଆମେ ବି ସଭିଏଁ
କରିବା ନିଜର କାମ
ଗାଧୁଆ-ପାଧୁଆ ଶୋଇବା-ଖାଇବା
ବସିବା କାମ ତମାମ।

ଠିକ ସମୟରେ ପଢିବାକୁ ଯିବା
ଠିକ ସମୟେ ଖେଳିବା
ଏମିତିକା କଲେ ସକଳ କାମରେ
ସଫଳ ଆମେ ହୋଇବା ।

ଲେ- ନିରଙ୍କାରଦେବ ସେବକ
ଭାଷାନ୍ତର-
ଡ. ଶମ୍ଭୁ ଦୟାଲ ଅଗ୍ରୱାଲା

ପ୍ରଶ୍ନ-1. ସମୟ ଶବ୍ଦକୁ ବ୍ୟବହାର କରି ଗୋଟିଏ ବାକ୍ୟ ଲେଖାଯାଇଛି। ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ବ୍ୟବହାର କରି ବାକ୍ୟ ଗଠନ କର –

| | |
|---|---|
| **ସମୟ** | ଯିଏ ସମୟର ଧ୍ୟାନ ରଖେନି, ସମୟ ବି ତାକୁ ଗୁରୁତ୍ୱ ଦିଏନି |
| **ଯୁଗ** | |
| **କାଳ** | |
| **ସନ୍ଧ୍ୟା** | |
| **ଦିନ** | |

ପ୍ରଶ୍ନ-2. ଏହି ଗୀତରେ ଠିକଣା ସମୟରେ ସବୁ କାମ କରିବା ଉପରେ ଜୋର ଦିଆଯାଇଛି-

ଏକ ନିୟମରେ ଆମେ ବି ସଭିଏଁ
କରିବା ନିଜର କାମ
ଗାଧୁଆ-ପାଧୁଆ ଶୋଇବା-ଖାଇବା
ବସିବା କାମ ତମାମ ।

ତୁମେ କେଉଁ କେଉଁ କାମ ଉଚିତ ସମୟରେ କରିପାରୁଛ ଆଉ କ'ଣ କ'ଣ କରିପାରୁନ? ଏହାର କାରଣ କ'ଣ?

______________________________

______________________________

______________________________

______________________________

ପ୍ରଶ୍ନ-3. ଗୋଟିଏ କାମ କୁହ ଯାହାକୁ ତୁମେ ଉଚିତ ସମୟରେ କରିବ ବା କରିବାକୁ ଚାହଁ-

| | |
|---|---|
| ଆଜି | |
| କାଲି | |
| ଏ ସପ୍ତାହରେ | |
| ଏ ମାସରେ | |
| ଏଇ ବର୍ଷ | |

## ମୋ ଶବ୍ଦ

- ଆମ କଥାବାର୍ତ୍ତାରେ ସମୟ କେତେବେଳେ, କେଉଁଠି ଆଉ କେମିତି ଆସେ, ପଢି ଦେଖ-

ସମୟ ବଡ଼ ବଳବାନ

ପାଗ ବାନ୍ଧୁ ବାନ୍ଧୁ କଚେରୀ ବରଖାସ୍ତ

ଭା'ରି ଖରାପ ବେଳ ଆସିଛି


ସମୟ ସମୟର କଥା

ବିତିଗଲା ସମୟ ଲେଉଟେ ନାହିଁ

କାଲି କରିବା କାମ ଆଜି କର


**ସମୟ ସହିତ ସମ୍ପର୍କ ଥିବା ଏହିଭଳି ଆଉ କିଛି ବାକ୍ୟ ଲେଖ**

- ଆସ ଆମ ହାତର ଆଙ୍ଗୁଠି ଗଣିବା



ଦୁଇ ହାତରେ ମୋଟ ଆଙ୍ଗୁଠି $2 \times 5 = 10$

- 12 ଟି ହାତରେ କେତୋଟି ଆଙ୍ଗୁଠି ଅଛି?




12 ଥର 5 ଅର୍ଥାତ

$$12 \times 5 \quad \text{ବା} \quad \begin{array}{r} 12 \\ \times\ 5 \\ \hline \end{array}$$


## ▪ ଘଣ୍ଟାରେ ସମୟ କେମିତି ଦେଖିବା?... ଆସ ଶିଖିବା

ଅଧିକାଂଶ ଘଡ଼ିର ଡାଏଲରେ 1 ଠାରୁ 12 ପର୍ଯ୍ୟନ୍ତ ସଂଖ୍ୟା ଲେଖା ଥାଏ। ପ୍ରତି ଦୁଇଟି ସଂଖ୍ୟା ମଝିରେ 4 ଟି ଛୋଟ ଛୋଟ ଗାର ପଡ଼ିଥାଏ ।





ଡାଏଲରେ ସମୁଦାୟ କେତୋଟି ଗାର ଅଛି ଗଣି ଲେଖ ________ ଟି ଗାର

## ▪ ଘଡ଼ିର ଡାଏଲରେ ଦୁଇ ବା ତିନି ପ୍ରକାରର କଣ୍ଟା ବୁଲୁଥାଏ




ତିନୋଟି କଣ୍ଟାବାଲା ଘଡ଼ି



ଦୁଇଟି କଣ୍ଟାବାଲା ଘଡ଼ି

- ସବୁଠାରୁ ମୋଟା ଓ ସାନ କଣ୍ଟାଟିକୁ ଘଣ୍ଟା କଣ୍ଟା କହନ୍ତି। ଏଥିରୁ ସମୟ କେତେ ଘଣ୍ଟା ହେଲା ଜଣା ପଡ଼େ। ଘଣ୍ଟାକଣ୍ଟାକୁ ଗୋଟିଏ ସଂଖ୍ୟାରୁ ତା'ପର ସଂଖ୍ୟାକୁ ଯିବା ପାଇଁ ଘଣ୍ଟାଏ ସମୟ ଲାଗେ। ଘଣ୍ଟାକଣ୍ଟା ମୋଟ 12 ଘଣ୍ଟାରେ ପୂରା ଡାଏଲରେ ଗୋଟିଏ ଘେରା ବୁଲି ଆସେ। ତା'ହେଲେ କହିପାରିବ କି? ଦିନକରେ, ଅର୍ଥାତ 24 ଘଣ୍ଟାରେ ସେ ଡାଏଲର କେତେ ଚକ୍କର ଲଗାଏ?
- ତା'ଠାରୁ ପତଳା ଓ ଲମ୍ବା କଣ୍ଟାଟି ହେଲା ମିନିଟ କଣ୍ଟା। ଏହି କଣ୍ଟା ମିନିଟର ସୂଚନା ଦିଏ। ମିନିଟ କଣ୍ଟା ଗୋଟିଏ ସଂଖ୍ୟାରୁ ତା'ପାଖରେ ଥିବା ଅନ୍ୟ ସଂଖ୍ୟାକୁ ଯିବାପାଇଁ 5 ମିନିଟ ସମୟ ଲାଗେ। ଏହି କଣ୍ଟା 60 ମିନିଟରେ ସମ୍ପୂର୍ଣ ଡାଏଲଟିକୁ ଥରେ ଘୂରିଆସେ ।
- ସବୁଠାରୁ ପତଳା ଓ ଲମ୍ବା କଣ୍ଟାଟିକୁ ସେକେଣ୍ଡ କଣ୍ଟା କୁହାଯାଏ। ଏହି କଣ୍ଟାଟି ଅନ୍ୟ ଦୁଇ କଣ୍ଟା ଅପେକ୍ଷା ଅତି ଶୀଘ୍ର ଶୀଘ୍ର ଚାଲେ। ଏଥିରୁ କେତେ ସେକେଣ୍ଡ ହୋଇଛି ଜଣାପଡ଼େ।




ଏହି ଘଡ଼ିରେ 2 ଟା ବାଜିଛି




ଏହି ଘଡ଼ିରେ 5 ଟା ବାଜିଛି

60 ମିନିଟ ପୂରା ହେଲେ ଏକ ଘଣ୍ଟା ସମୟ ହୁଏ।


ତିନି ଘଣ୍ଟାରେ କେତେ ମିନିଟ ହେବ?


$3 \times 60$ ବା $\begin{array}{r} 60 \\ \times\ 3 \\ \hline \end{array}$


# ଆସ ଶିଖିବା... ଘଡ଼ି ଦେଖି ସମୟ କେମିତି ଜାଣିବା


ମିନିଟ କଣ୍ଟା 12 ଉପରେ ଥାଇ ଘଣ୍ଟାକଣ୍ଟା ଯେଉଁ ସଂଖ୍ୟାରେ ଥିବ, ସେହି ସମୟରେ ସେତିକି ବାଜିଥାଏ। ଯେମିତି କି ଘଣ୍ଟା କଣ୍ଟା 3 ରେ ଆଉ ମିନିଟ କଣ୍ଟା 12 ରେ ଥିଲେ, ସେତେବେଳେ ତିନିଟା ବାଜିଛି ବୋଲି କୁହାଯାଏ।























**ଶିକ୍ଷକ-ନିର୍ଦ୍ଦେଶ :** ଘଡ଼ି ଦେଖି ସମୟ କହିବା ଅଭ୍ୟାସ କରିବା ପାଇଁ ସହଶିକ୍ଷାର୍ଥୀଙ୍କୁ ପ୍ରେରିତ କରନ୍ତୁ। ସେମାନେ ସମୟର ମାପ ଆଉ ଘଣ୍ଟା, ମିନିଟ ଓ ସେକେଣ୍ଡ ମଧ୍ୟରେ ପରସ୍ପର ସମ୍ପର୍କକୁ ବୁଝନ୍ତୁ।


# ଡିଜିଟାଲ ଘଡ଼ି


- ଡିଜିଟାଲ ଘଡ଼ିରେ ସମୟ ସିଧାସଳଖ ଲେଖା ହୋଇଥାଏ । ରେଳ ଷ୍ଟେସନ, ମୋବାଇଲ ଫୋନ ଇତ୍ୟାଦିରେ ଡିଜିଟାଲ ଘଡ଼ି ଥାଏ ।
- ଏହି ଘଡିଗୁଡିକରେ ସମୟ କେତେ ହୋଇଛି କହିପାରିବ ?











## ଆସ, ଏବେ ନିଜେ କିଛି କରି ଦେଖିବା

(ପ୍ରଥମେ ଅନୁମାନ କରି ତା'ପରେ ଘଡ଼ି ସାହାଯ୍ୟରେ ଜାଣିବା)

- ଖାଇବା ପାଇଁ ତୁମକୁ କେତେ ସମୟ ଲାଗେ? ______ ମିନିଟ
- ଗାଧୋଇବା ପାଇଁ ତୁମକୁ କେତେ ସମୟ ଲାଗେ? ______ ମିନିଟ
- ମୁଁ ରାତି ______ ସମୟରେ ଶୁଏ ଆଉ ସକାଳେ ______ ବେଳେ ଉଠିଯାଏ। ମୁଁ ______ ଘଣ୍ଟା ଶୁଏ ।
- ଆମ ଗାଁ ସ୍କୁଲ ______ ସମୟରେ ଆରମ୍ଭ ହୁଏ, ______ ଟାରେ ବନ୍ଦ ହୋଇଯାଏ। ସ୍କୁଲ ______ ଘଣ୍ଟା ଚାଲେ ।

**ଶିକ୍ଷକ-ନିର୍ଦ୍ଦେଶ :** ଘଣ୍ଟା-ମିନିଟ-ସେକେଣ୍ଡ କଣ୍ଟା ଥିବା ଘଡ଼ି ଓ ଡିଜିଟାଲ ଘଡ଼ି ଦେଖି ସମୟ କହିବା ଅଭ୍ୟାସ କରିବା ପାଇଁ ସହଶିକ୍ଷାର୍ଥୀଙ୍କୁ ପ୍ରେରିତ କରନ୍ତୁ।

# କୃଷକଭାଇର ସକାଳ

ଜଣେ କୃଷକ  ସକାଳ 6 ଟାରୁ ଘାସ କାଟିବା ଆରମ୍ଭକରି ଛୋଟ ଛୋଟ ବିଡ଼ା ବାନ୍ଧୁଥାନ୍ତି; 5ଟି ହୋଇଗଲେ ତାକୁ ଏକାଠି ବାନ୍ଧି ବଡ଼ ବିଡ଼ାଟିଏ ତିଆରି କରୁଥାନ୍ତି। 7ଟା  ପର୍ଯ୍ୟନ୍ତ ଘାସ କାଟି ସେ 15 ମିନିଟ ପରେ ଘରେ ପହଞ୍ଚିଲେ।

ସକାଳ 6ଟାରୁ 7ଟା ପର୍ଯ୍ୟନ୍ତ ଘାସ କାଟି ସେ 4ଟି ବଡ଼ ବିଡ଼ା ବାନ୍ଧି ସାରିଥିଲେ।

- ସେ ଘାସ କାଟି କେତୋଟି ଛୋଟ ବିଡ଼ା କରିଥିଲେ?

____ ଏହାକୁ ____ × ____ ଭାବରେ ମଧ ଲେଖିପାରିବା।

ସେ ଘରେ କେତେବେଳେ ପହଞ୍ଚିଲେ? ସକାଳ ____ ମିନିଟରେ 

ଏହି ସମୟ କୁ ଘଡ଼ିରେ ଏହିପରି ଦେଖାଇ ହେବ

- କୃଷକ କେତେବେଳେ ଘାସ କାଟିବା ଆରମ୍ଭ କରିଥିଲେ? ____ ଟାରେ

  କୃଷକ ଜଣକ କେତେଟା ପର୍ଯ୍ୟନ୍ତ ଘାସ କାଟିଲେ? ____ ଟା ପର୍ଯ୍ୟନ୍ତ

  ଘାସ କାଟିବାକୁ କେତେ ସମୟ ଲାଗିଲା? ____ ଘଣ୍ଟା ____ ମିନିଟ

- ଘାସ କାଟିବା ଓ ଘରେ ପହଞ୍ଚିବାରେ କୃଷକଙ୍କୁ ମୋଟ କେତେ ସମୟ ଲାଗିଲା?

1 ଘଣ୍ଟା + 15 ମିନିଟ = ____ ମିନିଟ

**ଶିକ୍ଷକ-ନିର୍ଦ୍ଦେଶ :** ଦୈନନ୍ଦିନ ଜୀବନରେ ବିଭିନ୍ନ କାମରେ ଲାଗୁଥିବା ସମୟର କେତେକ ଉଦାହରଣ ଦେଇ ସହଶିକ୍ଷାର୍ଥୀଙ୍କ ସହିତ ଆଲୋଚନା କରନ୍ତୁ।

## ମୋ ଶବ୍ଦ


ଭୁବନେଶ୍ୱର
भुवनेश्वर
BHUBANESWAR
ଭୁବନେଶ୍ୱର
भुवनेश्वर
BHUBANESWAR


दवाई दुकान
MEDICINE STORE

ପରସ୍ପର ଆଲୋଚନା କର

1. ଏହି ଚିତ୍ରଟି କେଉଁ ରେଳ ଷ୍ଟେସନର?
2. ପ୍ଲାଟଫର୍ମରେ କେଉଁ ଗାଡ଼ି ଠିଆହୋଇଛି?
3. ତୁମ ଘରକୁ କେଉଁ ରେଳ ଷ୍ଟେସନ ସବୁଠାରୁ ପାଖ?
4. ତୁମ ଗାଁ, ବ୍ଲକ ବା ସହରଠାରୁ ସମ୍ବଲପୁର କେମିତି ଯାଇହେବ?






# 10 ଯାତ୍ରା

## ଆମେ କ'ଣ ଶିଖିବା

- ସମୟ ମାପର ବ୍ୟବହାର କେମିତି କରିବା (12 ଓ 24 ଘଣ୍ଟିଆ ଘଡ଼ି)
- କ୍ୟାଲେଣ୍ଡର, ସମୟ ନିର୍ଘଣ୍ଟ ଓ ରେଳ ଟିକେଟରେ ଦିଆଯାଇଥିବା ସୂଚନାଗୁଡ଼ିକୁ ବୁଝିବା

## ■ ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ପଢ

| | | | | |
|---|---|---|---|---|
| ସିଟ | ଦୃଶ୍ୟ | ଚାଳକ | ହର୍ଣ୍ଣ | ପାଦଗୁଳା |
| ଫେରିବା | ରେଳ | ରାସ୍ତା | ପ୍ରସାଧନ | ଯାତ୍ରା |
| ସଡ଼କ | ଶଗଡ଼ | ଭଡ଼ା | ଜିନିଷ | ସାଇକେଲ |
| ଟିକେଟ | ଯାତ୍ରୀ | ବାଟୋଇ | ବସଷ୍ଟାଣ୍ଡ | ରେଳଷ୍ଟେସନ |
| ବୁକିଙ୍ଗ | ରିକ୍ସା | ସ୍ଲିପର | ଗାର୍ଡ | ଇଞ୍ଜିନ |
| ଟି.ଟି | ପ୍ଲାଟଫର୍ମ | କଣ୍ଡକ୍ଟର | ଆରକ୍ଷଣ | ତତ୍କାଳ |

ଶିକ୍ଷକ-ନିର୍ଦ୍ଦେଶ : 1. ଉପରେ ଯାତ୍ରା ସହିତ ଜଡ଼ିତ କେତୋଟି ଶବ୍ଦ ଦିଆଯାଇଛି। ସେଗୁଡ଼ିକ ଉପରେ ଆଲୋଚନା କରନ୍ତୁ।


2. ସହଶିକ୍ଷାର୍ଥୀଙ୍କୁ ସେମାନଙ୍କର କୌଣସି ଯାତ୍ରା ସମୟର ମଜାଦାର ଅନୁଭୂତି ବର୍ଣ୍ଣନା କରିବାକୁ କହନ୍ତୁ।


3. ନିଜର କୌଣସି ଯାତ୍ରା ଅନୁଭବ ଉପରେ ଏକ ନାଟକ ପ୍ରସ୍ତୁତ କରି ଅନ୍ୟମାନଙ୍କୁ ଦେଖାଇବାକୁ ପ୍ରେରିତ କରନ୍ତୁ।

# ଗାନ୍ଧିଜୀଙ୍କ ଆତ୍ମକଥାରୁ ...

"ଗିର୍ମିଟ ପ୍ରଥା" ଅଧ୍ୟାୟରେ ଗାନ୍ଧିଜୀ ଲେଖିଛନ୍ତି –

ରେଳଗାଡ଼ି ଭିଡ଼ରେ ଯେଉଁ  କଷ୍ଟ ପାଇଲି, ମୋତେ ଭା'ରି ବାଧିଲା। ମୁଁ କରାଚିରୁ ଲାହୋର ଦେଇ କଲିକତା ଯାଉଥାଏ। ଲାହୋରରେ ଟ୍ରେନ ବଦଳାଇବାକୁ ପଡିବ। ସେଠି କିନ୍ତୁ ଅବସ୍ଥା ଶୋଚନୀୟ! ଯାତ୍ରୀମାନେ ଜୋର ଜବରଦସ୍ତି ପଶୁଥା'ନ୍ତି। କବାଟ ବନ୍ଦ ଥିଲେ ଝରକା ଦେଇ ପଶିଯାଉଥା'ନ୍ତି। ମୋତେ ତ ନିଶ୍ଚିତ ତାରିଖରେ କଲିକତା ପହଞ୍ଚିବାକୁ ହେବ। ଏଇ ଟ୍ରେନଟି ଛାଡ଼ିଦେଲେ ମୁଁ କଲିକତା ପହଞ୍ଚିପାରିବିନି। ବସିବା ଜାଗା ମିଳିବା ଆଶା ତ ନାହିଁ! ଲୋକେ ମୋତେ ଭିତରକୁ ଯିବାକୁ ଦେବାକୁ ଚାହୁଁନାହାନ୍ତି। ଶେଷକୁ ଜଣେ ମୂଲିଆ କହିଲା, "ମୋତେ ବାରଅଣା ଦେବ ଯଦି, ମୁଁ ତୁମକୁ ଜାଗା କରେଇଦେବି।" ମୁଁ କହିଲି, "ମୋତେ ଜାଗା ଦେଇ ପାରିଲେ ମୁଁ ତୁମକୁ ବାର ଅଣା ନିଶ୍ଚୟ ଦେବି।" ସେ ଯାତ୍ରୀମାନଙ୍କୁ ନେହୁରା ହୋଇ କେତେ କାକୁତି ମିନତି କଲା; କିନ୍ତୁ ମୋତେ ପାଖରେ ଟିକେ ବସାଇବାକୁ କେହି ରାଜି ହେଲେନି।





ଟ୍ରେନ ଛାଡ଼ିବାକୁ ହେଲାଣି। ସେତିକିବେଳେ ଗୋଟିଏ ଡବାର କିଛି ଯାତ୍ରୀ କହିଲେ, "ଟ୍ରେନରେ ଜାଗା ତ ନାହିଁ; ହେଲେ ଭିତରକୁ ପୂରେଇ ପାରିବ ଯଦି ଚେଷ୍ଟା କର, କିନ୍ତୁ, ଠିଆ ହୋଇ ଯିବାକୁ ପଡ଼ିବ।" କୁଲି ମୋ ଆଡ଼କୁ ଅନାଇ କହିଲା, "କଣ କହୁଛ?" ମୁଁ "ହଁ" କହିବାରେ ସେ ମୋତେ ଟେକିନେଇ ଝରକା ବାଟେ ଭିତରେ ପୂରାଇ ଦେଲା। ମୁଁ ଭିତରେ ପଶିଲି, ଲୋକଟିର ବାର ଅଣା ରୋଜଗାର ହୋଇଗଲା।

ରାତିଟା ବଡ଼ କଷ୍ଟରେ ବିତିଲା। ଅନ୍ୟ ଯାତ୍ରୀମାନେ କୌଣସିମତେ ବସିପଡ଼ିଲେ। ମୁଁ କିନ୍ତୁ ଉପର ଶିକୁଳିକୁ ଧରି ଦୁଇ ଘଣ୍ଟା ପର୍ଯ୍ୟନ୍ତ ଠିଆହୋଇ ରହିଲି। କିଛି ଯାତ୍ରୀ ମୋତେ ଧମକାଉଥା'ନ୍ତି, "ଆରେ ତମେ ବସୁନ କାହିଁକି?" ମୁଁ ସେମାନଙ୍କୁ ବହୁତ ବୁଝାଇଲି, "ଜାଗା ତ ନାହିଁ ବସିବି କେଉଁଠି?" ମୁଁ ଠିଆ ହେବାଟା ବି ସେମାନେ ସହି ପାରୁନଥା'ନ୍ତି; ବାରମ୍ବାର ମୋତେ କେତେ କଥା କହୁଥା'ନ୍ତି। ସେମାନେ ଯେତିକି ଚିଡ଼ାଉଥା'ନ୍ତି, ମୁଁ ସେତିକି ଶାନ୍ତିରେ ଉତ୍ତର ଦେଉଥାଏ। ଏମିତି କରିବାରୁ ସେମାନେ କିଛିଟା ଶାନ୍ତ ହେଲେ। ମୋ ନାଁ-ଗାଁ ପଚାରିବାରୁ ମୋତେ କହିବାକୁ ପଡ଼ିଲା। ମୋର ପରିଚୟ ପାଇ ସେମାନେ ଲାଜେଇଗଲେ। କ୍ଷମା ମାଗିଲେ, ମୋ ପାଇଁ ନିଜ ପାଖରେ ଜାଗା କରିଦେଲେ। କଥାରେ ଅଛି, 'ଧୀର ପାଣି ପଥର କାଟେ।' ମୁଁ ବହୁତ ହାଲିଆ ହୋଇଯାଇଥିଲି; ମୁଣ୍ଡ ବୁଲାଉଥାଏ। ଯେତେବେଳେ ନିହାତି ଦରକାର, ଈଶ୍ୱର ବସିବାକୁ ଜାଗା କରାଇଦେଲେ।

## ପଢ଼ ଓ ଆଲୋଚନା କର

ପ୍ରଶ୍ନ-1. ଗାନ୍ଧିଜୀ ରେଳଗାଡ଼ିରେ ଯାତ୍ରା କରିବାପାଇଁ ଷ୍ଟେସନରେ ପହଞ୍ଚିଲେ। ତେବେ କହିପାରିବ କି ସେ ଷ୍ଟେସନ ପର୍ଯ୍ୟନ୍ତ ଯାତ୍ରା କେମିତି କରିଥିବେ?

ପ୍ରଶ୍ନ-2. ଗାନ୍ଧିଜୀଙ୍କ ସମୟରେ ରେଳଗାଡ଼ି, ମୋଟର, ଏକ୍କା-ଟାଙ୍ଗା, ସାଇକେଲ ଓ ବଳଦଗାଡ଼ି ଇତ୍ୟାଦି ଯାନ-ବାହନ ଅଧିକ ଥିଲା। ଆଜିକାଲି ଯାତ୍ରା କରିବାପାଇଁ ଆଉ କେଉଁ କେଉଁ ସୁବିଧା ଅଛି ?

ପ୍ରଶ୍ନ-3. ଯେ କୌଣସି ଯାତ୍ରାରେ ପୁରୁଷ ଅଧିକ ଓ ସ୍ତ୍ରୀ କମ ଦେଖାଯା'ନ୍ତି କାହିଁକି?

ପ୍ରଶ୍ନ-4. ଗାନ୍ଧିଜୀ କେଉଁ କାଳେ କରିଥିବା ତାଙ୍କର ଏହି ଯାତ୍ରାକୁ ମନେ ରଖିଥିଲେ। ତୁମର ବି କୌଣସି ସମୟରେ କରିଥିବା ଯାତ୍ରା କଥା ମନେ ଥିଲେ ସେ କଥା ଅଲୋଚନା କର।

ପ୍ରଶ୍ନ-5. ଏବେବି ଅନେକ ଗାଁ କୁ ଯା'-ଆସ କରିବାକୁ ଉଚିତ ସୁବିଧା ନାହିଁ। ଏ ପରିସ୍ଥିତିରେ ଲୋକଙ୍କୁ କି-କି ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି? ନିଜ ଅଞ୍ଚଳ ସମ୍ପର୍କରେ ନିଜର ଅନୁଭବ ବର୍ଣ୍ଣନା କର।

# ଯାତ୍ରା

ମୁଁ ମୋ ନାନୀ ଘରକୁ ଆସିଛି; ଦୁଇ-ତିନି ଦିନ ରହି ଆମ ଘରକୁ ଫେରିଯିବି। ନାନୀ ବି ବେଳେ ବେଳେ ଆସେ; କିନ୍ତୁ ତା' ଆସିବାଟା ଘରକୁ ଫେରିବା ନୁହେଁ। ଆମେ ଦୁହେଁ ଗୋଟିଏ ଘରୁ ଯାତ୍ରା ଆରମ୍ଭ କରିଥିଲୁ। ସେ ମୋଠାରୁ ତିନି ବର୍ଷ ବଡ଼। ମୋତେ ସେ ବହୁତ ଭଲ ପାଏ। ସେ ଯାହା କିଛି ବି ଖାଇଲେ ସେଥିରେ ମୋର ଭାଗ ନିଶ୍ଚୟ ଥାଏ। ମୁଁ ବି ବେଳେ ବେଳେ ମୋ ଜିନିଷ ତାକୁ ଦିଏ। ମୋ ପୋଷାକ ତାକୁ ଛୋଟ ହୁଏ। କିନ୍ତୁ ତା' କପଡ଼ା ମୋତେ ଠିକ ହୁଏ; ବରଂ ଟିକିଏ ଢିଲା ହୁଏ। ଦିନେ ମୁଁ ତା' ଫ୍ରକ ପିନ୍ଧିଦେଇଥିଲି ଯେ ସେ ହସି ହସି ଗଡ଼ିଯାଉଥାଏ। ସେ କାହିଁକି ହସୁଛି ମୁଁ ତ କିଛି ବୁଝିପାରିଲିନି; ହେଲେ ମୁଁ ବି ତା' ସହିତ ହସୁଥାଏ।



ମୁଁ ତା' ଘରକୁ ଆଜି ସକାଳେ ଆସିଲି। ସକାଳୁ ସେ କଥା କଥାକେ ଖାଲି ହସୁଛି। ତା' ପିଲାପିଲି, ସ୍ୱାମୀ,ତା' ବିନା କାହାରବି କାମ ଚଳୁନି। ମୁଁ ତା' ସାଥିରେ ଏକୁଟିଆ ଟିକେ କଥା ହେବାକୁ ଚାହୁଁଛି। କିନ୍ତୁ ତା' ପିଲାମାନେ ତାକୁ ସବୁବେଳେ ଘେରିରହୁଛନ୍ତି। ଆମ ଅଗଣାରେ ମୁଁ ପିଜୁଳି ଚାରାଟିଏ ଲଗାଇଥିଲି। ସେଇ ଗଛ ଏ ବର୍ଷ ପ୍ରଥମ ଫଳ ଦେଇଛି। ମୁଁ ତାକୁ ତା' ପାଇଁ ତୋଳିଥିଲି ଯେ, ସେଇଟି ତାକୁ ଦେବାକୁ ଚାହୁଁଛି। ପିଲାମାନଙ୍କ ଆଗରେ ଦେଲେ କେଜାଣି... ସେମାନେ କାଳେ ହସିବେ, ସେ ନିଜେ ନଖାଇ ତା' ପିଲାମାନଙ୍କୁ ଦେଇଦେବ କି ନହେଲେ ପିଲାମାନେ ବି ନିଜେ ତା' ହାତରୁ ଛଡ଼େଇନେଇପାରନ୍ତି।

ଆଜି ଫେରୁଛି। ରାତି ବସ। ବସରେ ସମସ୍ତେ ଶୋଇଛନ୍ତି। ଡ୍ରାଇଭର କେବଳ ଚାହିଁଛି ଆଉ ମୁଁ। ରାସ୍ତାରେ କେତେ ଦୋକାନ ପଡୁଛି। ଶୀତ ରାତି। ଗୋଟିଏ ଦୋକାନରେ ନିଆଁ ଜଳୁଥିବା ଦେଖାଯାଉଛି। ଆଉ ତ କେହି ଦେଖାଯାଉନାହାନ୍ତି, ଖାଲି ଦୁଇଟି କୁକୁର ସେଠି ଶୋଇଛନ୍ତି। କେବେ କେଉଁଠି ଟିକେ ଆଲୁଅ ଦିଶିଯଉଛି, ଆଉ ଅବା କେଉଁ ଦୂର ବିଲମାଳରେ ଗୋଟିଏ ବିଜୁଳିବତୀ ଝୁଲୁଥାଉଛି। ବାକି ଚାରିଆଡ଼େ ଖାଲି ଅନ୍ଧାର। ବସ ହେଡଲାଇଟରେ ସଡ଼କ କିଛି କିଛି ଦିଶୁଛି।

କେମିତିକା ଯାତ୍ରା ଇଏ! ସମସ୍ତେ ଶୋଇଛନ୍ତି। କେହି କିଛି ଜାଣୁନାହାନ୍ତି ଯେ ସେମାନେ ଯାଉଛନ୍ତି କେଉଁଠିକୁ! ବହୁତ ଭରଷା ସେମାନଙ୍କର ଚାଳକ ଉପରେ। ବସ ବାହାରେ ବି ତ ସମସ୍ତେ ଶୋଇଛନ୍ତି! ମୁଁ ସକାଳୁ ସକାଳୁ ଘରେ ପହଞ୍ଚିଯିବି।

ବୋଉ ଅଗଣାରେ ମୋ' ବାଟ ଚାହିଁ ବସିଛି। ନାନୀ ତା' ପାଇଁ ଗୋଟେ ଗୁଆକାତି ପଠାଇଛି; ମୁଣିର ସବା ଉପର ପକେଟରେ ରଖିଦେଇଥିଲି, ସଙ୍ଗେ ସଙ୍ଗେ ବାହାର କରି ଦେଇଦେଲି। ବୋଉ ବହୁତ ଖୁସି ହେଲା; ଭା'ରି ଖୁସି! ମୁଁ ମୁଣିରୁ ସେଇ ପିଜୁଳିଟା ବାହାରକରି ତାଳରେ ତାକୁ ତୋଳିଥିବା ଜାଗାଟିକୁ ଖୋଜିବାରେ ଲାଗିଲି।

ଲେ- ସୁଶୀଲ ଶୁକ୍ଳ

ଭାଷାନ୍ତର- ଡ. ଶମ୍ଭୁ ଦୟାଲ ଅଗ୍ରୱାଲା

## ▪ କହିପାରିବ କି?

ପ୍ରଶ୍ନ-1. ଲେଖକ ତାଙ୍କ ନାନୀଙ୍କୁ ପିଜୁଳି କାହିଁକି ଦେଇପାରିଲେନି?

ପ୍ରଶ୍ନ-2. 'ଯାତ୍ରା' ପଢିଲାବେଳେ ତୁମକୁ କେମିତି ଲାଗିଲା? ଗପଟିର କୌଣସି ଅଂଶ ପଢିଲାବେଳେ ତୁମେ ବି ସେମିତି କେବେ ଅନୁଭବ କରିଥିବା ପରି ଲାଗିଲା କି?

ପ୍ରଶ୍ନ-3. ଯାତ୍ରା କଲାବେଳେ ଲେଖକ ବସ ବାହାରେ କ'ଣସବୁ ଦେଖିଲେ?

ପ୍ରଶ୍ନ-4. ବହୁତ ଛୋଟ ଛୋଟ ଛୁଆ ବି ବେଳେ ବେଳେ ନିଜ ଭଉଣୀର ଫ୍ରକ ପିନ୍ଧିପକାନ୍ତି। ଏ ବିଷୟରେ ତୁମର ରାୟ କଣ?

ପ୍ରଶ୍ନ-5. ଗପଟିର କେଉଁ କେଉଁ ଅଂଶରେ ଭାଇ ଭଉଣୀ ମଧ୍ୟରେ ବହୁତ ଭଲପାଇବା ଥିବା ଜଣାପଡୁଛି?

ପ୍ରଶ୍ନ-6. ତୁମେ ବି କଣ କେବେ ଯାତ୍ରା କରିଛ? କାହିଁକି?

## ▪ ପଢ ଓ ଲେଖ

ପ୍ରଶ୍ନ-1. ସଠିକ ଲୋକୋକ୍ତି (ଲୋକବାଣୀ) ବାଛି ବାକ୍ୟ ପୂରଣ କର-

ନାଭିରେ ତେଲ ପକାଇ ଶୋଇବା, ହସି ହସି ଗଡ଼ିଯିବା, ହଲକ ଶୁଖିଯିବା, ଆଖି ଲାଗିଯିବା, ଏକୋଇର ବଳା

1. ମୋତେ ଫ୍ରକ ପିନ୍ଧିଥିବା ଦେଖି ସେ
2. ମାଆ ତା' ପୁଅକୁ ଝୁରିହେଉଛି, କାରଣ ସେ
3. ବାଘ ଦେଖି ଭୟରେ ମୋର
4. ଘରେ ଖାଇବାକୁ କିଛି ନାହିଁ, ତଥାପି ସେ
5. ଗଡ଼ପଡ଼ ହେଉ ହେଉ ମୋର

ପ୍ରଶ୍ନ-2. ଠିକ ଶବ୍ଦ ବାଛି ଲେଖ-

1. ଆପଣ _______ଯିବେ? (କେଉଁଠିକି, କେଉଁଠି)
2. ନାନୀର ________________ ଆସିଛନ୍ତି। (ଶାଶୁ, ସାସୁ)
3. କାଲି ଖୁବ ଜୋରରେ _________ (ବତାସ, ବାତାସ)
4. ନାନୀ ______________ଯେ ତୋଫାନ ଆସିବ। (କହିଲେ, କହିଁଲେ)
5. ସାପ ଦେଖି ଭୟରେ ମୋର ତ _________ ଶୁଖିଗଲା। (ହାଲୁକା, ହଲକ
6. ପିଲାମାନଙ୍କର ତ ଅଧା _____________ ଲାଗେ! (ଟିକେଟ, ଟିକଟ)

ପ୍ରଶ୍ନ-3. ତୁମ ଗାଁ ବା ସହରରେ ଯାତ୍ରା କରିବା ପାଇଁ କି କି ବ୍ୟବସ୍ଥା ଅଛି? ତଳେଲେଖାଥିବା ବାହନ ଗୁଡ଼ିକରୁ ତୁମେ କଣ କଣ ବ୍ୟବହାର କରୁଛ? ସେଥିରେ ଠିକ ଚିହ୍ନ ଲଗାଅ।

1. ବସ
2. ରେଳଗାଡ଼ି
3. ମେଟ୍ରୋ
4. ଜିପ
5. ସ୍କୁଟର
6. ଇ-ରିକ୍ସା
7. ଟ୍ୟାକ୍ସି
8. ଟ୍ରକ

ପ୍ରଶ୍ନ-4. ନିଜର କୌଣସି ଏକ ସ୍ମରଣୀୟ ଯାତ୍ରା ସମ୍ପର୍କରେ କିଛି କଥା ଲେଖ?

______________________________

______________________________

______________________________

ପ୍ରଶ୍ନ-5. କୌଣସି ଯାତ୍ରାରେ ଯିବାକୁ ହେଲେ ତୁମେ କି କି ପ୍ରସ୍ତୁତି କରିବ ଲେଖ-

# 24 ଘଣ୍ଟିଆ ଘଡ଼ି

ଦିନକ 24 ଘଣ୍ଟା। ସମୟ ଦେଖିବା ପାଇଁ ଆମେ ପ୍ରାୟ 12 ଘଣ୍ଟିଆ ଘଡ଼ି ବ୍ୟବହାର କରୁ। ଏହାର ଘଣ୍ଟାକଣ୍ଟା ଦିନଯାକରେ (ଦିନ+ରାତି) ପୂରା ଘଡ଼ିରେ ଦୁଇଘେରା ବୁଲେ। ପ୍ରଥମ ପରିକ୍ରମାରେ 12 ଘଣ୍ଟା; ତା'ପରେ ଦ୍ୱିତୀୟ ପରିକ୍ରମା ଆରମ୍ଭ ହୋଇଯାଏ। ଏହି ଘଡ଼ିରେ ଦି'ପହର ପରେ ସମୟ ସାଥିରେ PM ବା ସନ୍ଧ୍ୟା ଲେଖିବାକୁ ହୁଏ। କିନ୍ତୁ 24 ଘଣ୍ଟିଆ ଘଡ଼ି ଅଧରାତି 12 ଟା ପରଠାରୁ ପରବର୍ତ୍ତୀ ରାତି 12ଟା ପର୍ଯ୍ୟନ୍ତ ପୂରା 24 ଘଣ୍ଟାର ସମୟ ଦେଖାଏ। ଯେମିତି କି, ଉଦାହରଣ ସ୍ୱରୂପ ସନ୍ଧ୍ୟା 5ଟାକୁ 24 ଘଣ୍ଟିଆ ଘଡ଼ି 17:00 ଭାବରେ ଦେଖାଏ। ଏହି ଘଡ଼ିର ବ୍ୟବହାର ରେଳ ଷ୍ଟେସନ ଓ ବିମାନ ବନ୍ଦର ଇତ୍ୟାଦିରେ କରାଯାଏ।

## ସମୟ ନିର୍ଘଣ୍ଟ (ଟାଇମ ଟେବୁଲ)

ତପସ୍ୱିନୀ ଏକ୍ସପ୍ରେସରେ ବସି ଭୁବନେଶ୍ୱରଠାରୁ ସମ୍ବଲପୁରକୁ ଯାତ୍ରା କରିବା। ରେଳବାଇ ସମୟ ନିର୍ଘଣ୍ଟରେ ସମୟ 24 ଘଣ୍ଟିଆ ଘଡ଼ି ଅନୁଯାୟୀ ଦିଆଯାଇଥାଏ।

**18452 ତପସ୍ୱିନୀ ଏକ୍ସପ୍ରେସ (ପୁରୀ – ହାତିଆ)**

| କ୍ରମ | ଷ୍ଟେସନର ନାମ | ପହଞ୍ଚିବ | ଷ୍ଟେସନ ଛାଡ଼ିବ | ଦୂରତା (କିଲୋମିଟରରେ) |
|---|---|---|---|---|
| 1 | ପୁରୀ | - | 20.00 | 4 |
| 2 | ଖୋର୍ଦ୍ଧା ରୋଡ଼ | 20.50 | 20.55 | 44 |
| 3 | ଭୁବନେଶ୍ୱର | 21.15 | 21.20 | 63 |
| 4 | କଟକ ଜଂକ୍ସନ | 21.50 | 21.55 | 91 |
| 5 | ଢେଙ୍କାନାଳ | 22.50 | 22.52 | 148 |
| 6 | ତାଳଚେର | 23.35 | 23.55 | 201 |
| 7 | ଅନଗୁଳ | 00.53 | 00.55 | 219 |
| 8 | ସମ୍ବଲପୁର ରୋଡ଼ | 0 3.30 | 03.32 | 374 |
| 9 | ସମ୍ବଲପୁର ଜଂକ୍ସନ | 04.00 | 04.20 | 376 |
| 10 | ରେଙ୍ଗାଲି | 04.43 | 04.45 | 398 |
| 11 | ଝାରସୁଗୁଡ଼ା ଜଂକ୍ସନ | 05.35 | 05.40 | 424 |


## ▪ ଏବେ ତପସ୍ୱିନୀ ଏକ୍ସପ୍ରେସ ସମୟ ନିର୍ଘଣ୍ଟ ଦେଖି କୁହ-

1. ଅମିତ ସମ୍ବଲପୁର କେତେବେଳେ ପହଞ୍ଚିବ? 12 ଘଣ୍ଟିଆ ଘଡ଼ିରେ ସେତେବେଳେ କେତେଟା ବାଜିଥିବ?
2. ଭୁବନେଶ୍ୱରଠାରୁ ସମ୍ବଲପୁର ପହଞ୍ଚିବାକୁ ତାକୁ କେତେ ସମୟ ଲାଗିବ?
3. ଭୁବନେଶ୍ୱରରୁ ସମ୍ବଲପୁର କେତେ କିଲୋମିଟର ଦୂର?
4. କଟକଠାରୁ ତାଳଚେରର ଦୂରତା କେତେ?

**ଶିକ୍ଷକ-ନିର୍ଦ୍ଦେଶ :** 12 ଓ 24 ଘଣ୍ଟିଆ ଘଡ଼ି ଦେଖି ସମୟ କହିବା ପାଇଁ ସହଶିକ୍ଷାର୍ଥୀଙ୍କୁ ପ୍ରେରିତ କରନ୍ତୁ। ସେମାନେ 24 ଘଣ୍ଟିଆ ଘଡ଼ିରେ ଦେଖିଥିବା ସମୟକୁ 12 ଘଣ୍ଟିଆ ଘଡ଼ି ଅନୁସାରେ କହନ୍ତୁ। ସେମାନଙ୍କୁ କୌଣସି ଯାତ୍ରା ସମୟର ମଜାଦାର ଅନୁଭୂତି ବର୍ଣ୍ଣନା କରିବାକୁ କହନ୍ତୁ। ସମସ୍ତଙ୍କୁ ରେଳ ସମୟ ସାରଣୀ ବ୍ୟବହାର କରିବାକୁ ସୁଯୋଗ ଦିଅନ୍ତୁ।

## ▪ ରେଳ ଟିକେଟ

ଆସ, ସାଗରବାବୁ ଯାତ୍ରା କରିଥିବା ଗୋଟିଏ ରେଳ ଟିକେଟର ନମୁନା ଦେଖିବା-



1. ଏହି ଟିକେଟରେ ଗାଡ଼ିର ନାଁ କଣ?

2. ଗାଡ଼ିର ନମ୍ବର କେତେ?

3. ଡବା ବା କୋଚ ନମ୍ବର କେତେ?

4. ସିଟ ନମ୍ବର କେତେ?

5. ଯାତ୍ରୀର ବୟସ କେତେ?


6. ଯାତ୍ରା ଆରମ୍ଭ ସ୍ଥାନରୁ ଗନ୍ତବ୍ୟ ସ୍ଥଳ ପର୍ଯ୍ୟନ୍ତ ରେଳଭଡ଼ା କେତେ?

7. ତଳେ ଦିଆଯାଇଥିବା ନୋଟ ଦେଇ ଟିକେଟ କାଟିଲେ କେତେ ଟଙ୍କା ଫେରସ୍ତ ମିଳିବ?






## ■ ଏହି ରେଳ ଟିକେଟରେ ଦିଆଯାଇଥିବା ସୂଚନା ପଢି ଉତ୍ତର ଦିଅ-


शुभ यात्रा HAPPY JOURNEY
पी एन आर नं. PNR NO. 423-4888961
गाड़ी नं. TRAIN NO. 12429 | तिथि DATE 30-01-2012 | कि.मी. K.M 705 | वयस्क ADULT 1 | बच्चे CHILD 0 | टिकट नं. TICKET NO. A 10698864 /10698864
श्रेणी CLASS | JOURNEY CUM RESERVATION TICKET | से आरक्षित PRS-SC
3वाता बेंगलूरु सिटी जं. सिकंदराबाद जं.
BANGALORE CY JN SECUNDERABAD JN तक आरक्षित / RESV. UP TO 313

| कोच COACH | सीट/बर्थ SEAT/BERTH | लिंग SEX | आयु AGE | यात्रा प्राधिकार T.AUTHORITY | रियायत CONC | आ.शु. R.FEE | श.प्र. S.CH. | सु.प्र. SF.CH | वाउचर रु. VOUCH. Rs. | कु. नकद रु. T.CASH Rs. |
|---|---|---|---|---|---|---|---|---|---|---|
| B4 | 1 LB | F | 25 | NV | | 20 | | | | 1085 |

Rs.ONE ZERO EIGHT FIVE ONLY

RAJDHANI EXP 3RD BANGALORE CY JN SCH DEP 30-01 20:20 ARR 31-01 07:35
313 04-11-2011 16:55 JET 1 VIA DMM

- ଯାତ୍ରାର ଦୂରତା କେତେ? ____________
- ଯାତ୍ରାର ତାରିଖ କେତେ? ____________
- ଏହି ଟିକେଟରେ କେଉଁଠାରୁ କେଉଁଠିକୁ ଯାତ୍ରା କରିହେବ? ____________
- ଏହି ଯାତ୍ରା ପାଇଁ ଭଡ଼ା କେତେ ଦିଆଯାଇଛି? ____________
- ଚାରିଜଣ ଯାତ୍ରୀ ଗଲେ ଭଡ଼ା କେତେ ଲାଗିବ? ____________
- ଟିକେଟର ପି.ଏନ.ଆର. ନମ୍ବର କେତେ? ____________

# କ୍ୟାଲେଣ୍ଡର

ବର୍ଷକ 12 ମାସ। ତା' ଭିତରୁ କେତେକ 30 ଦିନିଆ ତ ଆଉ କେତେ ମାସ 31 ଦିନିଆ। ହେଲେ ଫେବ୍ରୁଆରି ମାସଟି 28 ବା 29 ଦିନର ହୋଇଥାଏ। ବର୍ଷର ପ୍ରଥମ ମାସ ଜାନୁଆରି ଆଉ ଶେଷ ମାସଟି ଡିସେମ୍ବର।

## 2023

**ଜାନୁଆରି**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 8 | 9 | 10 | 11 | 12 | 13 | 14 |
| 15 | 16 | 17 | 18 | 19 | 20 | 21 |
| 22 | 23 | 24 | 25 | 26 | 27 | 28 |
| 29 | 30 | 31 | | | | |

**ଫେବ୍ରୁଆରି**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | 1 | 2 | 3 | 4 |
| 5 | 6 | 7 | 8 | 9 | 10 | 11 |
| 12 | 13 | 14 | 15 | 16 | 17 | 18 |
| 19 | 20 | 21 | 22 | 23 | 24 | 25 |
| 26 | 27 | 28 | | | | |

**ମାର୍ଚ୍ଚ**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | 1 | 2 | 3 | 4 |
| 5 | 6 | 7 | 8 | 9 | 10 | 11 |
| 12 | 13 | 14 | 15 | 16 | 17 | 18 |
| 19 | 20 | 21 | 22 | 23 | 24 | 25 |
| 26 | 27 | 28 | 29 | 30 | 31 | |

**ଏପ୍ରିଲ**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| 30 | | | | | | 1 |
| 2 | 3 | 4 | 5 | 6 | 7 | 8 |
| 9 | 10 | 11 | 12 | 13 | 14 | 15 |
| 16 | 17 | 18 | 19 | 20 | 21 | 22 |
| 23 | 24 | 25 | 26 | 27 | 28 | 29 |

**ମେ**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | 1 | 2 | 3 | 4 | 5 | 6 |
| 7 | 8 | 9 | 10 | 11 | 12 | 13 |
| 14 | 15 | 16 | 17 | 18 | 19 | 20 |
| 21 | 22 | 23 | 24 | 25 | 26 | 27 |
| 28 | 29 | 30 | 31 | | | |

**ଜୁନ**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | 1 | 2 | 3 |
| 4 | 5 | 6 | 7 | 8 | 9 | 10 |
| 11 | 12 | 13 | 14 | 15 | 16 | 17 |
| 18 | 19 | 20 | 21 | 22 | 23 | 24 |
| 25 | 26 | 27 | 28 | 29 | 30 | |

**ଜୁଲାଇ**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| 30 | 31 | | | | | 1 |
| 2 | 3 | 4 | 5 | 6 | 7 | 8 |
| 9 | 10 | 11 | 12 | 13 | 14 | 15 |
| 16 | 17 | 18 | 19 | 20 | 21 | 22 |
| 23 | 24 | 25 | 26 | 27 | 28 | 29 |

**ଅଗଷ୍ଟ**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | 1 | 2 | 3 | 4 | 5 |
| 6 | 7 | 8 | 9 | 10 | 11 | 12 |
| 13 | 14 | 15 | 16 | 17 | 18 | 19 |
| 20 | 21 | 22 | 23 | 24 | 25 | 26 |
| 27 | 28 | 29 | 30 | 31 | | |

**ସେପ୍ଟେମ୍ବର**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | 1 | 2 |
| 3 | 4 | 5 | 6 | 7 | 8 | 9 |
| 10 | 11 | 12 | 13 | 14 | 15 | 16 |
| 17 | 18 | 19 | 20 | 21 | 22 | 23 |
| 24 | 25 | 26 | 27 | 28 | 29 | 30 |

**ଅକ୍ଟୋବର**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 8 | 9 | 10 | 11 | 12 | 13 | 14 |
| 15 | 16 | 17 | 18 | 19 | 20 | 21 |
| 22 | 23 | 24 | 25 | 26 | 27 | 28 |
| 29 | 30 | 31 | | | | |

**ନଭେମ୍ବର**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | 1 | 2 | 3 | 4 |
| 5 | 6 | 7 | 8 | 9 | 10 | 11 |
| 12 | 13 | 14 | 15 | 16 | 17 | 18 |
| 19 | 20 | 21 | 22 | 23 | 24 | 25 |
| 26 | 27 | 28 | 29 | 30 | | |

**ଡିସେମ୍ବର**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| 31 | | | | | 1 | 2 |
| 3 | 4 | 5 | 6 | 7 | 8 | 9 |
| 10 | 11 | 12 | 13 | 14 | 15 | 16 |
| 17 | 18 | 19 | 20 | 21 | 22 | 23 |
| 24 | 25 | 26 | 27 | 28 | 29 | 30 |

ଯେଉଁ ବର୍ଷକୁ 4ରେ ଭାଗ କଲେ ସମ୍ପୂର୍ଣ ଭାବରେ ଛିଣ୍ଡିଯାଏ, ସେହି ବର୍ଷର ଫେବ୍ରୁଆରି ମାସ 29 ଦିନିଆ ହୁଏ, ଯେମିତି କି 2016, 2020 ଓ 2024 ମସିହାରେ ହୋଇଥିଲା । ସେହିଭଳି 2028 ମସିହାରେ ମଧ୍ୟ ଫେବ୍ରୁଆରି ମାସ 29 ଦିନିଆ ପଡ଼ିବ । ବର୍ଷକ 365 ଦିନ। କିନ୍ତୁ 29 ଦିନିଆ ଫେବ୍ରୁଆରି ମାସ ପଡ଼ିବା ବର୍ଷରେ 366 ଦିନ ହୁଏ।

ଆମେ ଜାଣୁ ସପ୍ତାହକ 7 ଦିନ। କ୍ୟାଲେଣ୍ଡରରେ ସପ୍ତାହର ପ୍ରଥମ ଦିନଟି ରବିବାର ଓ ଶେଷ ଦିନଟି ଶନିବାର। କ୍ୟାଲେଣ୍ଡରରେ ବର୍ଷର ସବୁ ମାସର ହିସାବ ଥାଏ- ଯେମିତିକି ସେହି ମାସରେ କେତେ ସପ୍ତାହ ଅଛି ବା କେଉଁ ଦିନ କେତେ ତାରିଖ ହେବ, ଇତ୍ୟାଦି।

ଆସ ଦିଆଯାଇଥିବା କ୍ୟାଲେଣ୍ଡରକୁ ବୁଝିବାକୁ ଚେଷ୍ଟା କରିବା-

- ଏଠାରେ **2023** ମସିହା **ଅଗଷ୍ଟ ମାସର** କ୍ୟାଲେଣ୍ଡର ଦିଆଯାଇଛି। ଏଥିରେ ଥିବା ଶୂନ୍ୟସ୍ଥାନ ପୂରଣ କର-

| ରବିବାର | ସୋମବାର | ମଙ୍ଗଳବାର | ବୁଧବାର | ଗୁରୁବାର | ଶୁକ୍ରବାର | ଶନିବାର |
|---|---|---|---|---|---|---|
| | | | 2 | | | |
| 6 | | | | | | |
| | | | 16 | | | |
| | | | | | | 26 |
| | | | | 31 | | |

## ■ କ୍ୟାଲେଣ୍ଡର ଦେଖି କୁହ-

- ଏହି ମାସରେ କେତୋଟି ରବିବାର ପଡ଼ିବ?
- ଅଗଷ୍ଟ ତୃତୀୟ ସୋମବାର କାଜଲର ଜନ୍ମଦିନ; ସେଦିନ ତାରିଖ କେତେ?
- ମାସର ଚତୁର୍ଥ ଗୁରୁବାର ଦିନ ତାରିଖ କେତେ?
- ସଗୁନ 19 ତାରିଖରେ ହଷ୍ଟେଲକୁ ଯିବ; ସେଦିନ କେଉଁ ବାର ପଡ଼ିବ?

- ଦିଲୁ 6 ତାରିଖରେ ଯାତ୍ରା ଆରମ୍ଭ କରିବ। ତା' ଯାତ୍ରା ଯଦି 15 ତାରିଖରେ ଶେଷ ହୁଏ, ତା'ହେଲେ ସେ ମୋଟ କେତେଦିନ ଯାତ୍ରା କରିବ?

  ଏକଥା ତୁମେ କେମିତି ହିସାବ କଲ?

  ପିୟୂଷକୁ ପ୍ରତି ଶୁକ୍ରବାର ଦିନ ଛୁଟି ମିଳେ, ତା'ହେଲେ ଏ ମାସରେ ତାକୁ କେତୋଟି ଛୁଟି ମିଳିବ?

- ଏହି ମାସଟି କେଉଁ ବାର ଦିନ ଶେଷ ହେବ?

ଶିକ୍ଷକ-ନିର୍ଦ୍ଦେଶ : ସହଶିକ୍ଷାର୍ଥୀଙ୍କୁ ପ୍ରେରିତ କରନ୍ତୁ, ସେମାନେ କ୍ୟାଲେଣ୍ଡର ସାହାଯ୍ୟରେ ଯେ କୌଣସି ଦୁଇଟି ତାରିଖ ମଧ୍ୟରେ କେତେଦିନ ଫରକ ଅଛି ଗଣି କହନ୍ତୁ।

# ବର୍ଣ୍ଣମାଳା

## ସ୍ୱର ବର୍ଣ୍ଣ

| | | | | | |
|---|---|---|---|---|---|
| ଅ | ଆ | ଇ | ଈ | ଉ | ଊ |
| ଋ | ୠ | ଏ | ଐ | ଓ | ଔ |

## ବ୍ୟଞ୍ଜନ ବର୍ଣ୍ଣ

| | | | | | |
|---|---|---|---|---|---|
| କ | ଖ | ଗ | ଘ | ଙ | ଚ |
| ଛ | ଜ | ଝ | ଞ | ଟ | ଠ |
| ଡ | ଢ | ଣ | ତ | ଥ | ଦ |
| ଧ | ନ | ପ | ଫ | ବ | ଭ |
| ମ | ଯ | ର | ଳ | ବ | ଶ |
| ଷ | ସ | ହ | କ୍ଷ | ଡ଼ | ଢ଼ |

| | | | | |
|---|---|---|---|---|
| ୟ | ଲ | ଂ | ଃ | ଁ |

# ଟିପ୍ପଣୀ

# ଟିପ୍ପଣୀ